-ପ୍ରେସ୍ ବିଜ୍ଞପ୍ତି

# ଫେବୃଆରୀ ୨ରୁ ଇସ୍ପାତ ସମ୍ମିଳନୀ- ଷ୍ଟିଲରାଇଜ୍ ୨୦୦୯

ଭୁବନେଶ୍ୱର-ସମଗ୍ର ଭାରତ ବର୍ଷରେ ଇସ୍ପାତ କ୍ଷେତ୍ରରେ ବ୍ୟାପକ ସଂପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହାର ନେତୃତ୍ୱ ନେଇଛି ଓଡ଼ିଶା, ଯେଉଁଠାରେ ଭାରତ ତଥା ବିଶ୍ୱର ପ୍ରମୁଖ ଇସ୍ପାତ କମ୍ପାନୀମାନେ ନିଜ ନିଜର ପ୍ରକଳ୍ପ ଆରମ୍ଭ କରିଛନ୍ତି । ଇସ୍ପାତ କ୍ଷେତ୍ରର ଅଭିବୃଦ୍ଧି ଅନ୍ୟ ସମ୍ପର୍କିତ କ୍ଷେତ୍ର ଗୁଡିକ ପାଇଁ ଆଣିଛି ବିପୁଳ ସମ୍ଭାବନା । ଏ ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ଜନତା ମୈଦାନ ଠାରେ ଫେବୃଆରୀ ୨ରୁ ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଛି ଅନ୍ତର୍ଜାତୀୟ ସ୍ତରର ସମ୍ମିଳନୀ ଷ୍ଟିଲରାଇଜ୍ ୨୦୦୯ ।

ଧାତୁ ଭିତ୍ତିକ ଶିଳ୍ପଠାରୁ ଆରମ୍ଭ କରି ରସାୟନ, ମେସିନ ନିର୍ମାଣ, ଉପଭୋକ୍ତା ସାମଗ୍ରୀ, ଶକ୍ତି, ଭିତ୍ତିଭୂମି ବିକାଶ, ପରିବହନ, ଯୋଗାଯୋଗ ଆଦି କ୍ଷେତ୍ର ପାଇଁ ବିପୁଳ ସମ୍ଭାବନା ଆଣିଛି ଇସ୍ପାତ ଶିଳ୍ପର ଅଭିବୃଦ୍ଧି । ଅଭିବୃଦ୍ଧିଶୀଳ ଇସ୍ପାତ ଶିଳ୍ପ ଦ୍ୱାରା ସୃଷ୍ଟ ବିଶାଳ ସୁଯୋଗ ଓ ସମ୍ଭାବନା ସଂପର୍କରେ ସୂଚନା ଆଦାନପ୍ରଦାନର କ୍ଷେତ୍ର ସୃଷ୍ଟି କରିଛି ଷ୍ଟିଲ୍‌ରାଇଜ୍ ୨୦୦୯ । ଏହି ସମ୍ମିଳନୀରେ ବିଶେଷଜ୍ଞ ତଥା ଶିଳ୍ପ ଜଗତର ପ୍ରତିନିଧିମାନେ ଇସ୍ପାତ ଶିଳ୍ପର ବିଭିନ୍ନ ପ୍ରସଙ୍ଗ ସମେତ ଏସବୁର ଆନୁଷଙ୍ଗିକ ଶିଳ୍ପ ସଂପର୍କରେ ଆଲୋଚନା କରିବେ । ଏହା ବ୍ୟତିତ ଇସ୍ପାତ ଓ ଧାତୁ ଶିଳ୍ପ ସଂପର୍କୀତ ଉତ୍ପାଦ ଓ ସେବା ଉପରେ ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଛି ।

ଭାରତୀୟ ଇସ୍ପାତ ଶିଳ୍ପର ବାର୍ଷିକ ଉତ୍ପାଦନ କ୍ଷମତା ୩ଶହ ନିୟୁତ ଟନକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏହି ଲକ୍ଷ୍ୟ ହାସଲ ପାଇଁ ନୀତିନିର୍ଧାରକ, ସରକାର ଓ ଶିଳ୍ପଜଗତ କଣ କରିବା ଆବଶ୍ୟକ ସେ ସଂପର୍କରେ ଷ୍ଟିଲରାଇଜ୍ ୨୦୦୯ ର ମୁଖ୍ୟ ଗୁରୁତ୍ୱ ରହିବ । ଏ କ୍ଷେତ୍ରରେ ପୁଞ୍ଜିନିବେଶ, ପ୍ରଯୁକ୍ତି, ଭିତ୍ତିଭୂମି ବିକାଶ, ମାନବସମ୍ବଳ ଏବଂ ଶିଳ୍ପନୀତି ଉପରେ ଏହି ସମ୍ମିଳନୀ ଗୁରୁତ୍ୱ ଆରୋପ କରିବ ।

ଷ୍ଟିଲରାଇଜ୍ ୨୦୦୮ ଜାମସେଦପୁର ଠାରେ ଆୟୋଜିତ ହୋଇ ବିପୁଳ ସଫଳତା ପାଇଥିଲା । ଷ୍ଟିଲରାଇଜ୍ ୨୦୦୯ ପାଇଁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରକୁ ଚୟନ କରାଯାଇଛି । ଟିମ୍ ଓଡ଼ିଶା, ଇଣ୍ଡୋଜର୍ମାନ ଚାମ୍ବର ଅଫ କମର୍ସ, ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଓ ସୋସାଇଟି ଅଫ ଜିଓ ସାଇଣ୍ଟିଷ୍ଟସ ଆଣ୍ଡ ଆଲାଏଡ୍ ଟେକନଲୋଜୀସ ର ସହଯୋଗରେ ନ୍ୟୁ ୱେଭ ଡିସ୍‌ପ୍ଲେ ସର୍ଭିସେସ୍ (ପ୍ରା) ଲିଃ ପକ୍ଷରୁ ଏହାକୁ ଆୟୋଜନ କରାଯାଇଛି ।

**ଅଧିକ ବିବରଣୀ ପାଇଁ-**
**ରେଜ୍ଞ ଆଣ୍ଟୋନୀ-୦୯୮୩୦୦୯୩୦୩୬**